ପ୍ରମେୟ

ବେପାର ବଣିଜ
BUSINESS

Sunday, 23 June 2019

# ଆଇସିଏଆଇରେ ଓରାଲ କୋଚିଂ କ୍ଲାସ୍




ଭୁବନେଶ୍ୱର,୨୨।୬(ବ୍ୟୁରୋ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ୬୨ତମ ଓରାଲ କୋଚିଂ କ୍ଲାସ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଅଧିକ ନୂଆ ପଞ୍ଜୀକୃତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଓଏଚ୍‌ପିସି ଓ ଓପିଜିସିର ଅର୍ଥ ନିର୍ଦ୍ଦେଶକ ତଥା ଆଇସିଏଆଇର ପୂର୍ବତନ ସଭାପତି ପ୍ରଭାକର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆ ପଞ୍ଜୀକୃତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଇସିଏଆଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ଶକ୍ତିଧର ସିଂହ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆଇ ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ ସଦସ୍ୟ ଶିବ ପ୍ରସାଦ ପାଢ଼ି, ଭୁବନେଶ୍ୱର ଚାପ୍ଟରର କୋଚିଂ କ୍ଲାସ୍ କମିଟି ଅଧ୍ୟକ୍ଷ ଶାନ୍ତନୁ କୁମାର ରାଉତ, ଚାପ୍ଟରର ସମ୍ପାଦକ ହିମୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

Scanned by CamScanner